



## ■ମାଲକାନଗିରି ସହରରେ ଚାଲିଛି କଂସେଇଖାନା

## ଗୋ ହତ୍ୟା ଅଭିଯୋଗରେ ୨ ଗିରଫ





ମାଲକାନଗିରି,୪।୮(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାରେ ବେଆଇନ ଭାବେ ଏକ କଂସେଇ ଖାନା ଖୋଲା ଯାଇଥିବା ଜଣାପଡିଛି। ଗାଈ ଚୋରି କରି ମାରି ମାଂସ କାଟି ବିକ୍ରି କରୁଥିବା ଅଭିଯୋଗରେ ମାଲକାନଗିରି ପୋଲିସ ୨ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପ୍ରେମଦାନ ନାୟକ ଓ ଦିବ୍ୟ ନାୟକ। ଖବରରୁ ଜଣାପଡିଛି ଶନିବାର ମାଲକାନଗିରି ବ୍ଲକ କଲୋନୀର ନାରାୟଣ ଗୌଡଙ୍କ ଗାଈବାଛୁରି ହଜି ଯାଇଥିଲା। ସେ ଦିନସାରା ଖୋଜାଖୋଜି ପରେ ସନ୍ଧ୍ୟାରେ ବାଛୁରି ଫେରିଥିଲେ ମଧ୍ୟ ଗାଈଟି ଫେରି ନ ଥିଲା । ଗାଈ ଖୋଜିବାକୁ ଆସି ବଣ୍ଡାବାକୁଲିଗୁଡା ରେ ରହୁଥିବା ଗୁପ୍ତ ବିଶୋୟୀଙ୍କ ଘର ପଛପଟେ ଅନେକ ଲୋକ ଏକାଠି ହୋଇଥିବା ନାରାୟଣ ଦେଖିବାକୁ ପାଇଥିଲେ। ଗୋଟିଏ ଗାଈକୁ ମାରି ତାହାର ଚମଡା ବାହାର କରି ଦେଇଥିବା ନାରାୟଣ ସେଠାରେ ପହଞ୍ଚି ଦେଖିଥିଲେ। ସେହି ଚମଡାଟି ନାରାୟଣଙ୍କ ଗାଈର ବୋଲି ସେ ଚିହ୍ନଟ କରିଥିଲେ। ଘଟଣା ସ୍ଥଳରେ ବଣ୍ଡାବାକୁଲିଗୁଡାର ପ୍ରେମଦାନ ଓ ଦିବ୍ୟ ଦାଆ ଓ କଟୁରରେ ଗାଈମାଂସ କାଟୁଥିଲେ। ଏ ସମ୍ପର୍କରେ ନାରାୟଣ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ରବିବାର ଆଇଆଇସି ରାମ ପ୍ରସାଦ ନାଗ ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ପ୍ରେମଦାନ ଓ ଦିବ୍ୟଙ୍କୁ ଗିରଫ କରି ଥିଲେ। କେସ୍ ନଂ. ୧୬୬/୧୯। ଏନେଇ ମାଲକାନଗିରି ସହରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଅର୍ଦ୍ଧନିର୍ମିତ ପୋଲ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ

କାଲିମେଲା,୪।୮(ଡି.ଏନ.ଏ)

ରବିବାର ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ଗସ୍ତରେ ଆସି ବନ୍ୟା ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସେ ପ୍ରଥମେ କାଲିମେଲା ବ୍ଲକର ପୋଟେରୁ ଗ୍ରାମ ପରିଦର୍ଶନ କରିଥିଲେ। ସେଠାରେ ଲୋକଙ୍କ ଅଭିଯୋଗ ଶୁଣି ମଝି କାଙ୍ଗୁରୁକୋଣ୍ଡା ପୋଲ ବୁଲି ଦେଖିଥିଲେ। ପରେ ମୋଟୁ ମୁଗି ପଏଣ୍ଟ ପରିଦର୍ଶନ କରିଥିଲେ। ସେଠାରେ ଥିବା ମଧୁସୂଦନ ପାର୍କର ପୁର୍ନଉଦ୍ଧାର କରାଯିବ ବୋଲି କହିଥିଲେ। ଏଥିସହ ଆନ୍ଧ୍ର-ଓଡିଶା ଏବଂ ଓଡିଶା-ଛତିଶଗଡ ବ୍ରିଜର ବାକି ରହିଥିବା କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ସିଲେରୁ ସାବେରୀ ନଦୀର ସଂଗମ ସ୍ଥଳ ହେଉଛି ଚିନାଗୋଦାବରୀ। ଅର୍ଥାତ ମୋଟୁ ନିକଟରେ ଏହି ଦୁଇ ନଦୀ ମିଳିତ ହୋଇଥିବାରୁ ବନ୍ୟା ହେଲେ ମୋଟୁ ଅଞ୍ଚଳ ଜଳମଗ୍ନ ହେଉଛି। ପୋଲାଭରମ ପ୍ରକଳ୍ପ କାର୍ଯ୍ୟ ଯୋଗୁ ମଧ୍ୟ ଉକ୍ତ ଅଞ୍ଚଳରେ ବର୍ଷା ଦିନେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏଥିପ୍ରତି ଗୁରୁତ୍ୱ ଦେଇ ସେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ମୋଟୁ ଅଞ୍ଚଳର ସୁରକ୍ଷା ପାଇଁ ଆନ୍ଧ୍ରର ପୋଲାଭରମ ପ୍ରକଳ୍ପକୁ ଘୋର ବିରୋଧ କରାଯିବ ବୋଲି ଏମପି କହିଥିଲେ। ପରେ ସେ କାଲେରୁ ପୋଲ ପରିଦର୍ଶନ କରିଥିଲେ। ଆନ୍ଧ୍ର ସରକାର ଦୀର୍ଘ ୬ମାସ ହେଲା କାଲେରୁ ପୋଲ ନିର୍ମାଣ କରିସାରିଥିଲେ ମଧ୍ୟ ଓଡ଼ିଶା ସରକାର ମାତ୍ର ୩ ଶହ ମିଟର ଆପ୍ରୋଚ ରୋଡ଼ କରୁନାହାନ୍ତି। ଫଳରେ ମାଲକାନଗିରି ଜିଲା ସହ ସିଧାସଳଖ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ। ଏ ସମ୍ପର୍କରେ ସେ ଜିଲା ପ୍ରଶାସନ ସହିତ କଥାବାର୍ତ୍ତା କରି ଶୀଘ୍ର ଆପ୍ରୋଚ ରୋଡ ନିର୍ମାଣ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏମପିଙ୍କ ସହ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ଅଡମା ରାବା,ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ଜିଲା କାର୍ଯ୍ୟକାରୀ ସଭାପତି ଗଣେଶ ମଣ୍ଡଳ, ବ୍ଲକ ବିଜେଡ଼ି ସଭାପତି ଇ,ଭେଂକଟଶ୍ୱର ରାଓ, ସମ୍ପାଦକ ଶରତ ବିଶ୍ୱାଳ, ଗୋପାଳ ପଣ୍ଡା, ଜିଲା ଓକିଲ ସଂଘ ସଭାପତି ନୃସିଂହ ଚରଣ ମହାନ୍ତି ଉପସ୍ଥିତ ଥିଲେ।

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ମିଳୁ

କାଲିମେଲା,୪।୮(ଡି.ଏନ.ଏ)



ବିଧାୟକ ଆଦିତ୍ୟ ମାଢ଼ି ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ।

ଲଗାଣ ବର୍ଷାରେ କାଲିମେଲା ବ୍ଲକ ଦେଖା ଦେଇଥିବା ବନ୍ୟା ପରିସ୍ଥିତିର ସୁଧାର ଆସିଛି। ପ୍ରଭାବିତ ଅଞ୍ଚଳକୁ ରବିବାର ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ପରିଦର୍ଶନ କରି ବନ୍ୟା ବିପନ୍ନଙ୍କୁ ଭେଟିଛନ୍ତି। ଶୀଘ୍ର କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ମାଢି ପ୍ରଥମେ ପଟେରୁଠାରେ ଲୋକଙ୍କ ସହ ଆଲୋଚନା କରିଥିଲେ। ପଟେରୁ ଅଞ୍ଚଳର ଏମପିଭି-୬,ଏମପିଭି-୬୩, ପଟେରୁ, ଏମପିଭି-୩୯,ବଦିଲି ଗ୍ରାମ ଲୋକେ ପ୍ରଭାବିତ ହୋଇଥିଲେ। ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ପରେ ବିଧାୟକ କାଙ୍ଗୁରୁକୋଣ୍ଡା,ଏମଭି-୯୬,ଏମଭି-୯୦,ଏମଭି-୭୯ ମୋଟୁ ଅଞ୍ଚଳର ବନ୍ୟାପିଡିତଙ୍କୁ ଭେଟଥିଲେ। ତହସିଲଦାର ଉମା ଶଙ୍କର ଦଳାଇଙ୍କୁ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲକରେ ସାପ କାମୁଡାରେ ୨ ଜଣଙ୍କ ମୃତ୍ୟୁ ହେଇଥିଲା। ସମ୍ପୃକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। କାଲିମେଲା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ,ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ,ମାନିକ ଲାଲ ଚକ୍ରବର୍ତ୍ତି,ଗଣେଶ ମଣ୍ଡଳ, ଭବାନୀ ଶଙ୍କର ମୁଖାର୍ଜୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛନ୍ତି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଶିକ୍ଷକଙ୍କ ନାଁରେ ମାମଲା

କୋରାପୁଟ/ପୋଡ଼ାଗଡ଼,୪।୮(ସ୍ୱ.ପ୍ର.): କୋରାପୁଟ ସଦର ଥାନା ଅନ୍ତର୍ଗତ ତେନ୍ତୁଳିଗୁଡ଼ା ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ (୧୩)ଙ୍କୁ ଅସଦାଚରଣ କରିବା ଅଭିଯୋଗରେ ରବିବାର ନାବାଳିକାଙ୍କ ପରିବାର ସ୍ଥାନୀୟ ସଦର ଥାନାରେ ଏକ ମାମଲା ରୁଜୁ କରିଛନ୍ତି। ଏଥିରେ ସଂପୃକ୍ତ ଶିକ୍ଷକଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି। ସଦର ଥାନା ଅନ୍ତର୍ଗତ ପୋଡ଼ାଗଡ଼ ପଞ୍ଚାୟତର କଣ୍ଟବେଟା ନିବାସୀ ତଥା ନାବାଳିକାର ଜେଜେ ଥାନାରେ ଦେଇଥିବା ଏତଲାକୁ ଭିତ୍ତିକରି ପୋଲିସ କେସ୍ ନଂ ୭୫/୨୦୧୯ରେ ଏକ ମାମଲା ରୁଜୁ କରି ସଂପୃକ୍ତ ଶିକ୍ଷକ କେଶବ ପଟ୍ଟନାୟକଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି । ଥାନାରେ ହୋଇଥିବା ଅଭିଯୋଗପତ୍ର ଅନୁଯାୟୀ ଶନିବାର ନାବାଳିକା ଜଣକ ତେନ୍ତୁଳିଗୁଡ଼ା ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ବିଦ୍ୟାଳୟର ଶିକ୍ଷକ କେଶବ ପଟ୍ଟନାୟକ ତାଙ୍କୁ ଶ୍ରେଣୀଗୃହକୁ ଡାକି ଅସଦ ବ୍ୟବହାର କରିଥିଲେ। ଛାତ୍ରୀ ଜଣଙ୍କ ଘରକୁ ଆସି ସମସ୍ତ କଥା କହିବା ପରେ ତାଙ୍କ ପରିବାର ସଦର ଥାନାରେ ଏତଲା ଦେଇଥିଲେ।

### ପୋଲ ତଳକୁ ଖସିଲା କାର୍

ପଟ୍ଟାଙ୍ଗି,୪।୮(ଡି.ଏନ୍.ଏ.): ପଟ୍ଟାଙ୍ଗି ଥାନା ମାଳିପୁଟ ପଞ୍ଚାୟତ ସିପାଇପୁଟ ଗ୍ରାମ ନିକଟସ୍ଥ ପୋଲ ତଳକୁ ଶନିବାର ବିଳମ୍ବିତ ରାତିରେ ଏକ କାର ଖସିପଡ଼ିଛି। ତେବେ ଏଥିରୁ କାର୍ ଚାଳକ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ବ୍ଲକ ସଦର ଷ୍ଟେଟବ୍ୟାଙ୍କର ଫିଲ୍ଡ ଅଫିସର ଲକ୍ଷ୍ମଣ ଭୋଇ ନିଜ କାର୍ (ଓଡି୧୫ ଏଚ୍ ୨୧୯୩) ଡ୍ରାଇଭିଂ କରି ପଟ୍ଟାଙ୍ଗି ଫେରୁଥିଲେ। ଏହି ସମୟରେ ସିପାଇପୁଟ ଗ୍ରାମ ତଥା ଛକ ନିକଟ ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥ ଉପରେ ବର୍ଷା ପାଣି ଜମି ରହିଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଉପରୋକ୍ତ କାର ନିୟନ୍ତ୍ରଣ ହରାଇ ପୋଲର ସୁରକ୍ଷା ଖୁଣ୍ଟକୁ ଧକ୍କାଦେଇ ପ୍ରାୟ ୫୦ ଫୁଟ ତଳକୁ ଖସିପଡ଼ିଥିଲା। ଖବର ପାଇ ରବିବାର ସକାଳୁ ଦୁର୍ଘଟଣା ସ୍ଥଳରେ ପୋଲିସ ଏସ୍ଆଇ ଗୋକୁଳାନନ୍ଦ ପଟ୍ଟନାୟକ ଓ ଏଏସ୍ଆଇ ମଧୁସୂଦନ ନାୟକ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ସମସ୍ତ କାଗଜପତ୍ର ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଏଠାରେ ସୂଚନା ଥାଉକି ଫିଲ୍ଡ ଅଫିସର ଲକ୍ଷ୍ମଣ ଭୋଇ ସ୍ଥାନୀୟ ଷ୍ଟେଟବ୍ୟାଙ୍କରୁ ବଦଳି ହୋଇ ଜିଲାର ଦଶମନ୍ତପୁର ବ୍ଲକ ଷ୍ଟେଟବ୍ୟାଙ୍କରେ ଯୋଗ ଦେଇଥିଲେ। ଶନିବାର ପଟ୍ଟାଙ୍ଗି ବ୍ଲକର ମାଳିପୁଟ ଗ୍ରାମରେ ରହୁଥିବା ବନ୍ଧୁଘରକୁ ଯାଇ ସେଠାରୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା।

### କୋରାପୁଟରେ ସର୍ବାଧିକ ୬୪.୨ ମିମି ବର୍ଷା

କୋରାପୁଟ,୪।୮(ସ୍ୱ.ପ୍ର.): କୋରାପୁଟ ଜିଲାରେ ରବିବାର ୪୯୪.୨ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗର ରିପୋର୍ଟରୁ ଜଣାପଡ଼ିଛି। ଜିଲାର କୋରାପୁଟ ବ୍ଲକରେ ସର୍ବାଧିକ ୬୪.୨ ମିମି ବର୍ଷା ହୋଇଥିବାବେଳେ ବୋରିଗୁମ୍ମା ବ୍ଲକରେ ୪୮.୮ ମିମି, ଦଶମନ୍ତପୁର ବ୍ଲକରେ ୫୦ ମିମି ବର୍ଷା ହୋଇଛି । କୁନ୍ଦୁରାରେ ୩୪.୪ ମିମି, କୋଟପାଡ଼ରେ ୩୬ ମିମି, ଲମତାପୁଟରେ ୨୮ ମିମି, ବୈପାରିଗୁଡ଼ା ବ୍ଲକରେ ୪୦ ମିମି, ପଟ୍ଟାଙ୍ଗି ବ୍ଲକରେ ୫.୧, ନନ୍ଦପୁରରେ ବ୍ଲକରେ ୨୭.୪ ମିମି, ଜୟପୁରରେ ୫୨.୨ ମିମି, ସେମିଳିଗୁଡ଼ାରେ ୪୫ ମିମି, ଲକ୍ଷ୍ମୀପୁର ବ୍ଲକରେ ୩୫ ମିମି, ନାରାୟଣପାଟଣା ବ୍ଲକରେ ୧୦.୪ ମିମି ଓ ବନ୍ଧୁଗାଁ ବ୍ଲକରେ ୨୬ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ସୂଚନା ଦେଇଛି। ସେହିପରି ରବିବାର କୋଲାବ ଡ୍ୟାମର ଜଳସ୍ତର ୮୪୯.୮୩ ମିଟର ରହିଛି।

# ଦୁର୍ନୀତିରେ ବୁଡ଼ିଛି ଆଇସିଡିଏସ୍

■ ରାଜନୈତିକ ଛତ୍ରଛାୟା ତଳେ ଅଧିକାରୀ, କର୍ମଚାରୀ

ବୈପାରୀଗୁଡ଼ା,୪।୮(ଡି.ଏନ୍.ଏ.)

କୋରାପୁଟ ଜିଲାର କେତେକ ବ୍ଲକ ସିଡିପିଓଙ୍କ ବିରୋଧରେ ବିଭିନ୍ନ ଦୁର୍ନୀତି ଅଭିଯୋଗ ସାମ୍ନାକୁ ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ ଚୁପ୍ ରହିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ବୈପାରୀଗୁଡ଼ା ବ୍ଲକରେ କେତେକ ସୁପରଭାଇଜର ଓ କର୍ମୀ ସିଡିପିଓଙ୍କ ବିରୋଧରେ ଖୋଲାଖୋଲି ଦୁର୍ନୀତି ଅଭିଯୋଗ ପ୍ରଶାସନ ନଜରକୁ ଆଣିଛନ୍ତି। ଯେଉଁଥିପାଇଁ ବ୍ଲକରେ ଏହି ବିଭାଗ ୨ ଗୋଷ୍ଠୀରେ ଭାଗ ହୋଇଯାଇଛି । ଅନ୍ୟପକ୍ଷରେ ଏଭଳି ଦୁର୍ନୀତିଖୋର ଅଧିକାରୀ ଓ କର୍ମଚାରୀଙ୍କୁ କେତେକ ରାଜନୈତିକ ଦଳର ଭିତିରିଆ ସମର୍ଥନ ରହିଛି। ସିଡିପିଓଙ୍କ ଅଧୀନରେ କାର୍ଯ୍ୟରତ କର୍ମୀ, ହେଲପର ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଏକ ବଡ଼ ଭୋଟ୍ ବ୍ୟାଙ୍କ ରହିଥିବାରୁ ସେମାନଙ୍କୁ ରାଜନୈତିକ ଦଳଙ୍କ ଛତ୍ରଛାୟା ତଳେ ରହିବାର ସୁଯୋଗ ମିଳୁଛି। ଏହି କାରଣରୁ ନିର୍ଦ୍ଦିଷ୍ଟ କେତେଜଣ ସିଡିପିଓ ନିଜ ମନ ପସନ୍ଦ ବ୍ଲକରେ ରହିବା ସହ ଦୁର୍ନୀତିରେ ବୁଡ଼ିଥିଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ।

୨ ମାସ ତଳେ ବ୍ଲକର ଚନ୍ଦ୍ରପଡ଼ା ସୁପରଭାଇଜର ହଠାତ୍ ଅସୁସ୍ଥ ହୋଇ ମେଡିକାଲ୍‌ରେ ଭର୍ତ୍ତି ହେବା ପରେ ସିଡିପିଓ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗ ଆଣିଥିଲେ। ବିଭିନ୍ନ ଯୋଜନାରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ସରକାରୀ ଅନୁଦାନରୁ ପିସି ଆଦାୟ କରି ଦେବା ପାଇଁ ସିଡିପିଓ ତାଙ୍କ ଉପରେ ଚାପ ପକାଉଥିବା ସେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ସୁପରଭାଇଜରଙ୍କୁ ସମର୍ଥନ କରି ଜିଲା ସୁପରଭାଇଜର ସଂଘ ଓ ଅଙ୍ଗନୱାଡ଼ି କର୍ମୀ ସଂଘ ସିଡିପିଓଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନ ଉକ୍ତ ଘଟଣାର ତଦନ୍ତ କଲା ; କିନ୍ତୁ ଫଳ ଶୂନ। ଉଲ୍ଲେଖଯୋଗ୍ୟ ଯେ ଗତ ବର୍ଷ ପ୍ରି-ସ୍କୁଲ କିଟ୍ସ କିଣାରେ ଫଲସ୍ ଭାଉଚର ଜରିଆରେ ସାମଗ୍ରୀ କିଣାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯିବା ଘଟଣା ପ୍ରଥମେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏବେ ଏହି ଦୁର୍ନୀତି ବାବଦରେ ବିଭିନ୍ନ ଅଙ୍ଗନୱାଡ଼ି କର୍ମୀ ବିଭିନ୍ନ ଗଣମାଧ୍ୟମକୁ ଖୋଲାଖୋଲି ବୟାନ ଦେଉଥିଲେ ମଧ୍ୟ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଚିରାଚରିତ ଶୈଳୀରେ ଘଟଣାର ତଦନ୍ତ କରାଯିବ ବୋଲି କହି ଚୁପ୍ ବସିଛନ୍ତି। ବୈପାରୀଗୁଡ଼ା ସମେତ ଜୟପୁର, କୋଟପାଡ଼ ବ୍ଲକରେ ମଧ୍ୟ ଅନେକ କର୍ମୀ ଗଣମାଧ୍ୟମ ଜରିଆରେ ଅନୁରୂପ ଅଭିଯୋଗ ଆଣିଛନ୍ତି। କୋଟପାଡ଼ ବ୍ଲକର ସିଡିପିଓ ପ୍ରି-ସ୍କୁଲ କିଟ୍ସ ବାବଦକୁ ବରାଦ ଅର୍ଥରୁ କର୍ମୀଙ୍କଠାରୁ ପିସି ଆଦାୟ କରୁଥିବା ଚିତ୍ର ଘରୋଇ ଟିଭି ଚାନେଲ୍‌ରେ ପ୍ରସାରିତ ହୋଇଛି। ପିଲାଙ୍କ ପାଇ ଛତୁଆ ବ୍ୟବସ୍ଥାରେ ବ୍ୟାପକ ପିସି କାରବାର ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଛତୁଆ ଦାୟିତ୍ୱରେ ଥିବା ଗୋଷ୍ଠୀଙ୍କଠାରୁ ନିୟମିତ ମୋଟା ଅଙ୍କର ପିସି ନିଆଯାଉଛି । ପ୍ରତି ବ୍ଲକରୁ ଛତୁଆ ଦାୟିତ୍ୱରେ ଥିବା ମହିଳା ଗୋଷ୍ଠୀଙ୍କଠାରୁ ୧୦ ହଜାର ଟଙ୍କା ଆଦାୟ କରାଯାଇ କୋଟପାଡ଼ରେ ଏକ ନିର୍ଦ୍ଦିଷ୍ଟ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ପହଞ୍ଚିବା ପରେ ମିଶନ ଶକ୍ତି କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସେସବୁ ଭାଗବଣ୍ଟା ହେବା ପରି ତଥ୍ୟ ସାମ୍ନାକୁ ଆସିଥିଲା। ଏହା ନିମ୍ନମାନର ଛତୁଆ ସାଙ୍ଗକୁ ଗୋଟିଏ ମାସର ଛତୁଆ ସଂପୂର୍ଣ୍ଣ ବାଟମାରଣା ହେଉଥିବା ସୂଚାଉଛି। ଏତେସବୁ ଅଭିଯୋଗ ଆସିବା ପରେ ବି ଜିଲା ପ୍ରଶାସନର ନିଦ ଭାଙ୍ଗୁନାହିଁ।

## ଯୁବାବସ୍ଥାରେ ଅସହାୟ ପାଲଟିଗଲେ ଗୁପ୍ତ

ଦଶମନ୍ତପୁର,୪।୮(ଡି.ଏନ୍.ଏ.)



■ଆବେଦନ ସତ୍ତ୍ୱେ ଦିବ୍ୟାଙ୍ଗ ଭତ୍ତା, ଆବାସ ଗୃହ ମିଳୁନି

■ଗୁପ୍ତଙ୍କୁ ଧରି ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ଗ୍ରାମବାସୀ

ଜନ୍ମର କିଛିମାସ ପରେ ମା'-ବାପାଙ୍କ ପରଲୋକ ହୋଇଗଲା। ଏହାପରେ ବଡ଼ଭଉଣୀ ମଧ୍ୟ କେଉଁଆଡ଼େ ଚାଲିଯାଇଥିଲେ। ଆଶ୍ରୟ ନେବାପାଇଁ ମୁଣ୍ଡ ଉପରେ ଛପର ନ ଥିଲା କି ପେଟକୁ ଦାନା ମିଳିବା କଷ୍ଟଥିଲା। ଭାଗ୍ୟ ଏତିକିରେ ଦାଉ ସାଧିବା ବନ୍ଦ କଲାନାହିଁ। ଏହାପରେ ଅସୁସ୍ଥତା କାରଣରୁ ଦିବ୍ୟାଙ୍ଗ ପାଲଟିଯାଇ ଏବେ ଅସହାୟର ଜୀବନ ବଞ୍ଚୁଛନ୍ତି। ଏହା ହେଉଛି ଦଶମନ୍ତପୁର ଗିର୍ଲିଗୁମ୍ମାର ଗୁପ୍ତ ମାଝୀଙ୍କ କାହାଣୀ।

ଗୁପ୍ତଙ୍କ ବୟସ ଏବେ ୨୫ ବର୍ଷ। କିନ୍ତୁ କିଛିବର୍ଷ ତଳେ ହଠାତ୍ ତାଙ୍କୁ ଜ୍ୱର ସହ ଶରୀରରେ ଯନ୍ତ୍ରଣା ଅନୁଭବ ହୋଇଥିଲା। ପରେ ତାଙ୍କ ପିଠିରେ ଅସ୍ୱାଭାବିକଭାବେ ଫୁଲିଯାଇଥିଲା। ଅସହାୟ ଗୁପ୍ତ ଏବେ ଅସୁସ୍ଥ ଅବସ୍ଥାରେ ମାତା-ପିତାଙ୍କୁ ଖୁରୁଛନ୍ତି। ସେମାନେ ଥିଲେ ମୋର ଚିକିତ୍ସା କରାଇଥାନ୍ତେ ବୋଲି କୋହଭରା କଣ୍ଠରେ ସେ ପ୍ରକାଶ କରିଛନ୍ତି। ଗାଁ ଲୋକଙ୍କ ସାହାଯ୍ୟରେ ସେ ଏ ପର୍ଯ୍ୟନ୍ତ ବଞ୍ଚିଥିବାବେଳେ ଏବେ ନିଜେ ମଜୁରି ଲାଗି ପେଟକୁ ଦୁଇମୁଠା ଦାନା ଯୋଗାଡ଼ କରୁଛନ୍ତି। ଅନେକ ଥର ଭିନ୍ନକ୍ଷମ ଭତ୍ତା ଓ ଆବାସ ଗୃହ ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଅନେକ ଅଯୋଗ୍ୟ ବ୍ୟକ୍ତି ବିଭିନ୍ନ ଉପାୟରେ ସରକାରୀ ସହାୟତା ପାଇବାରେ ସକ୍ଷମ ହେଉଥିଲେ ମଧ୍ୟ ଗୁପ୍ତଙ୍କ ଭଳି ଅସହାୟ ଯୁବକଙ୍କୁ କାହିଁକି ମିଳୁନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସରକାରୀ ସହାୟତା ନ ମିଳିଲେ ଗୁପ୍ତଙ୍କୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଏସ୍ଇଓ କାର୍ତ୍ତିକ ପାଢ଼ୀଙ୍କୁ ପଚାରିବାରୁ ମୁଁ କର୍ମଚାରୀଙ୍କୁ ପଠାଇ ତଦନ୍ତ କରିବି ବୋଲି କହିଛନ୍ତି।

■ ଦୁର୍ଘଟଣାରେ ବଡ଼ଭାଇ ମୃତ, ସାନ ଗୁରୁତର ହେବା ଘଟଣା

## ୩ ଘଣ୍ଟା ଏନ୍ଏଚ୍ ଅବରୋଧ କଲେ ସମ୍ପର୍କୀୟ



ଡୁମୁରିପୁଟସ୍ଥିତ ଜାତୀୟ ରାଜପଥରେ ଟାୟାର ଜାଳି ଅବରୋଧ କରିଛନ୍ତି ମୃତକଙ୍କ ପରିବାର ଓ ସମ୍ପର୍କୀୟ ।

କୋରାପୁଟ/ସେମିଳିଗୁଡ଼ା,୪।୮(ସ୍ୱ.ପ୍ର.)

କୋରାପୁଟ ବ୍ଲକ ଡୁମୁରିପୁଟରେ ଶନିବାର ବିଳମ୍ବିତ ରାତିରେ କାର ଓ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ରାଜେନ୍ଦ୍ର ଖରା (୪୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ସାନଭାଇ ହେମନ୍ତ ଗୁରୁତର ହୋଇ ବିଶାଖାପାଟଣାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ଓ ସଂପର୍କୀୟ ରବିବାର ସକାଳ ୯ରୁ ୩ ଘଣ୍ଟା ଯାଏ ଡୁମୁରିପୁଟ ସ୍ଥିତ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଗୁରୁତରଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା ଦାବି ସେମାନେ ରଖିଛନ୍ତି। ଖବର ପାଇ କୋରାପୁଟ ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ, କୋରାପୁଟ ଟାଉନ ଥାନା ଅଧିକାରୀ ବାସୁଦେବ ଛତ୍ରିଆ, ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ସୁନାବେଡ଼ା ଥାନା ଅଧିକାରୀ ସୁମିତ୍ରା ଜେନା, ସେମିଳିଗୁଡ଼ା ଥାନା ଅଧିକାରୀ ସମ୍ବିତ ବେହେରା, ଡୁମୁରିପୁଟ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ ସହ ଗୁରୁତରଙ୍କ ସମସ୍ତ ଚିକିତ୍ସା ପ୍ରଶାସନ ବହନ କରିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ହଟିଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା କାର୍ ଜବତ କରିବା ସହ ମୃତଦେହର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସ୍ଥାନୀୟ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

■ ପଦବୀକୁ ନେଇ ଦୁଇ ଯନ୍ତ୍ରୀଙ୍କ ବିବାଦ ସମାଧାନ ହେଲା

## ପୁରୁଣାଙ୍କୁ ବଦଳି, ନୂତନଙ୍କୁ ମିଳିଲା ଦାୟିତ୍ୱ

ଜୟପୁର,୪।୮(ଡି.ଏନ୍.ଏ.)

ଜୟପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସର୍କଲ କାର୍ଯ୍ୟାଳୟରେ ଅଧୀକ୍ଷଣ ଯନ୍ତ୍ରୀ ପଦବୀକୁ ନେଇ ଗତ ୨୪ ତାରିଖରୁ ଲାଗିରହିଥିବା ବିବାଦର ସମାଧାନ କରିଛନ୍ତି ରାଜ୍ୟ ସରକାର। ଏନେଇ ଗତ ୨ ତାରିଖ ରାତିରେ ରାଜ୍ୟ ସରକାର ବିଜ୍ଞପ୍ତି ଜାରିକରି ପୁରାତନ ଅଧୀକ୍ଷଣ ଯନ୍ତ୍ରୀ ପରିକ୍ଷିତ ଦାସଙ୍କୁ ଭୁବନେଶ୍ୱର ସ୍ଥିତ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରିଛନ୍ତି। ଏହି ପଦବୀରେ ପଦୋନ୍ନତି ପାଇଥିବା ନୂତନ ଅଧୀକ୍ଷଣ ଯନ୍ତ୍ରୀ ଅରୁଣ ସାହୁଙ୍କୁ ଅବସ୍ଥାପିତ କରାଯାଇଛି । ବିଭାଗୀୟ ନିର୍ଦ୍ଦେଶନାମା ପରେ ତୁରନ୍ତ ଅଧୀକ୍ଷଣ ଯନ୍ତ୍ରୀ ଦାସ ଦାୟିତ୍ୱ ନୂତନ ଭାବେ ଯୋଗ ଦେଇଥିବା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରିବା ପରେ ଭୁବନେଶ୍ୱର କାର୍ଯ୍ୟାଳୟରେ ଯୋଗଦେବାକୁ ଶନିବାର ଯାତ୍ରା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ବିବାଦ ପ୍ରଶାସନିକ ଟ୍ରିବ୍ୟୁନାଲରେ ପହଞ୍ଚିବା ପରେ ରାଜ୍ୟ ସରକାର ୩ ସପ୍ତାହ ଭିତରେ ନିଷ୍ପତ୍ତି ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଟ୍ରିବ୍ୟୁନାଲ। କିନ୍ତୁ ଏକ ସପ୍ତାହ ମଧ୍ୟରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

■ ଜଗନ୍ନାଥ ସାଗରରୁ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ

## ପ୍ରଶାସନକୁ ସହାୟତା ଦେବ ସିଟିଜେନ କମିଟି

ଜୟପୁର,୪।୮(ଡି.ଏନ୍.ଏ.)

ଜୟପୁର ସିଟିଜେନ କମିଟିର ଏକ ଜରୁରିକାଳୀନ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଭାପତି ମୀନକେତନ ଦାଶଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଅଗଷ୍ଟ ୧୦ରେ ହେବାକୁ ଥିବା ଜଗନ୍ନାଥ ସାଗର ଚାରିପାଖରୁ ଜବରଦଖଲ ଉଚ୍ଛେଦ କାମରେ କମିଟି ସହାୟତା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ସାଗରର ରକ୍ଷଣାବେକ୍ଷଣ, ଜମି ହସ୍ତାନ୍ତରଯୋଗ୍ୟ ନୁହେଁ ପ୍ରଥା ଉଚ୍ଛେଦ, କେନ୍ଦ୍ରିୟ ବିଦ୍ୟାଳୟ ପ୍ରତିଷ୍ଠା, ସହରର ଟ୍ରାଫିକ ଅବ୍ୟବସ୍ଥା, ଅବକ୍ଷୟପ୍ରାପ୍ତ ରାସ୍ତା ଓ ନାଳନର୍ଦ୍ଦମା, ବୁଲା ଗାଈ ଓ କୁକୁରଙ୍କ ଦୌରାତ୍ମ୍ୟ ଉପରେ ଆଲୋଚନା ହୋଇଥିଲା । ଜଗନ୍ନାଥ ସାଗର ସୁରକ୍ଷା ଓ ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଜୟପୁରରେ କେନ୍ଦ୍ରିୟ ବିଦ୍ୟାଳୟ ଅଗ୍ରଗତି ପାଇଁ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ସିଟିଜେନ କମିଟିର ସଂପାଦକଙ୍କୁ ଚିଠି ଦେଇଛନ୍ତି । ଏନେଇ ଜିଲାପାଳ ସୁପାରିଶ କରିବାକୁ କମିଟି ଦାବି କରିବ। ସେହିପରି ସହରରେ ବୁଲାଗାଈ ଓ କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ୧୫ ଦିନ ଭିତରେ ଏହାର ସମାଧାନ ନହଲେ କମିଟି ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ବୈଠକରେ ଇଂ ନରେଶନାଥ ନାୟକ, ଇଂ କେଦାରନାଥ ବେହେରା, ଇଂ ରାଧାନାଥ ମହାପାତ୍ର, ଯାଦବ ସୁବୁଦ୍ଧି, ଶଙ୍କର ପ୍ରହରାଜ, କୃଷ୍ଣକେଶବ ଷଡ଼ଙ୍ଗୀ ଉପସ୍ଥିତ ଥିବାବେଳେ ଶେଷରେ ଉପସଭାପତି ଯୁଗଳ କିଶୋର ରଥ ଧନ୍ୟବାଦ ଦେଇଥିଲେ।

## ଜ୍ଞାନ ବିଜ୍ଞାନମେଳା ଉଦ୍‌ଯାପିତ

କୋରାପୁଟ,୪।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ଦୁଇଦିନିଆ ଜ୍ଞାନ ଓ ବିଜ୍ଞାନମେଳା ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରାଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଡାକ୍ତର ରାମ ନରେଶ ଯାଦବ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ କମିଟି ସଭାପତି ସୁବାସ ଚନ୍ଦ୍ର ଜେନା, ଉପସଭାପତି ଦିଲ୍ଲିପ ପ୍ରଧାନ, ସମ୍ପାଦକ ପ୍ରଭାତ ଚନ୍ଦ୍ର ମାଝି ଯୋଗ ଦେଇଥିଲେ। ମେଳାରେ ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଏଠାରୁ ୨୭ ଜଣ ଛାତ୍ରୀଛାତ୍ରୀ ସଙ୍କୁଳସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ଚତୁର୍ଥରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନମଞ୍ଚ, କଥନ ପ୍ରତିଯୋଗିତା, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରକଳ୍ପ, ବୈଦିକ ଗଣିତ, ପ୍ରତବାଚନ କାର୍ଯ୍ୟକ୍ରମ ହୋଇଥିଲା । ଶନିବାର ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଦିବସରେ କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।



ଜ୍ଞାନବିଜ୍ଞାନ ମେଳାରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର ।

## ଟ୍ୟାଙ୍କର ଧକ୍କାରେ ବୃଦ୍ଧ ଗୁରୁତର

ହିଞ୍ଜିଳିକାଟୁ,୪।୮(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଁଚବଣିଆ ଛକଠାରେ ରବିବାର ଟ୍ୟାଙ୍କର ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ବଇଁଚବଣିଆ ଅଞ୍ଚଳର ନକୁଳ ଭୁୟାଁ (୭୫)। ସ୍ଥାନୀୟ ଲୋକେ ନକୁଳଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପୋଲିସ ଟ୍ୟାଙ୍କର ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଭେଣ୍ଡିଂ ଜୋନରେ ମିଳିବ ପିଣ୍ଡି ସୁବିଧା

ସେମିଳିଗୁଡ଼ା,୪।୮(ସ୍ୱ.ପ୍ର.)



ଭେଣ୍ଡିଂ ଜୋନ୍‌ର ଅବସ୍ଥା ଶୋଚନୀୟ ହୋଇପଡିଛି ।

ସେମିଳିଗୁଡ଼ା ଭେଣ୍ଡିଂ ଜୋନରେ ଅବ୍ୟବସ୍ଥା ଭିତରେ ବେପାର କରୁଥିବା କ୍ଷୁଦ୍ର ଚାଷୀଙ୍କୁ ମିଳିବ ପିଣ୍ଡିର ସୁବିଧା। ସେମାନଙ୍କର ଦୀର୍ଘଦିନର ଦାବି ପୂରଣ ହେବ। ଉଲ୍ଲେଖଯୋଗ୍ୟ ଯେ କ୍ଷୁଦ୍ରଚାଷୀଙ୍କ ପାଇଁ କୁନ୍ଦୁଲିଠାରେ ଏକ ପିଣ୍ଡି ଖୋଲାଯାଇଥିଲା ; କିନ୍ତୁ ତାହା ସେମାନଙ୍କ କାମରେ ଲାଗୁ ନ ଥିବାରୁ ଚାଷୀମାନେ ରାଜରାସ୍ତାରେ ବେପାର କରୁଥିଲେ। ସେହିପରି ସେମିଳିଗୁଡ଼ା ଓ ସୁନାବେଡ଼ା ଜାତୀୟ ରାଜପଥ ନିକଟରେ ଏକ ଭେଣ୍ଡିଂ ଜୋନ ଖୋଲାଯାଇ ସେଠାରେ ସାପ୍ତାହିକ ହାଟ ବସୁଛି। ଖରା ଓ ବର୍ଷାରେ ପଦାରେ ପରିବା ରଖି ବିକିବା ବେଳେ ଚାଷୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଭେଣ୍ଡିଂ ଜୋନ ହାଟରେ ନନ୍ଦପୁର, କୁନ୍ଦୁଲି, ପଟ୍ଟାଙ୍ଗି, ସେମିଳିଗୁଡ଼ା, ସୁନାବେଡ଼ା, ସୁବାଇ, ଶୁଣ୍ଠିପୁଟ, ଡୋଲିଆମ୍ବ, ମାଳଡୋଲିଆମ୍ବ, ରେଙ୍ଗା ଅଞ୍ଚଳର ଶହ ଶହ କ୍ଷୁଦ୍ରଚାଷୀ ନିର୍ଭର କରୁଛନ୍ତି। ହାଟରେ ପନିପରିବା ବିକ୍ରି କରିବାକୁ ହେଲେ ସେମାନେ ଏହା ପୂର୍ବଦିନ ସନ୍ଧ୍ୟାରେ ଆସି ସ୍ଥାନ ନିରୂପଣ କରିବା ସହ କୌଣସି ସୁବିଧା ନଥିବାରୁ ସାରା ରାତି ଖୋଲା ଆକାଶ ତଳେ ରହୁଛନ୍ତି। ଏହି ହାଟରୁ ସବୁଜ ପନିପରିବା ପଡ଼ୋଶୀ ଛତିଶଗଡ଼, ଆନ୍ଧ୍ରପ୍ରଦେଶକୁ ରପ୍ତାନି ହେଉଛି। କ୍ଷୁଦ୍ରଚାଷୀମାନେ ଖଜଣା ଦେଉଥିଲେ ମଧ୍ୟ ସେମାନଙ୍କ ସୁବିଧା ପାଇଁ ଆବଶ୍ୟକ ଭିତ୍ତିଭୂମି ବ୍ୟବସ୍ଥା କରାଯାଉନାହିଁ।ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର କହିଛନ୍ତି, ଏହି କ୍ଷୁଦ୍ର ଚାଷୀଙ୍କ ପାଇଁ ଆଗାମୀ ଦିନରେ ପିଣ୍ଡି ବ୍ୟବସ୍ଥା କରାଯିବ।

## ଦେଓମାଳୀ ନାଟକ ମହୋତ୍ସବ ଉଦ୍‌ଯାପିତ

କୋରାପୁଟ,୪।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ନନ୍ଦନୀକ ନାଟ୍ୟକଳା ସଂସ୍ଥାନର ପଞ୍ଚମ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ହୋଇଥିବା ଚତୁର୍ଥ ଦେଓମାଳି ଜାତୀୟ ନାଟକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇ ପ୍ରଫେସର ନରେନ୍ଦ୍ର ମିଶ୍ର ଲୋପ ପାଇଯିବାକୁ ବସିଥିବା ଲୋକକଳାର ପୁନରୁଦ୍ଧାର ଦିଗରେ ନନ୍ଦନୀକର ଭୂମିକା ଉଲ୍ଲେଖନୀୟ ବୋଲି କହିଛନ୍ତି।

ଗତ ଗୁରୁବାରଠାରୁ ନନ୍ଦନୀକ ନାଟ୍ୟ କଳାସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିବା ଚତୁର୍ଥ ଦେଓମାଳୀ ନାଟକ ମହୋତ୍ସବକୁ ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସମ୍ପାଦକ ଡ. ମନ୍ମଥ ଶତପଥୀ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଗବେଷକ କେ.ସି. ନିଶଙ୍କ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ ଯୋଗ ଦେଇଥିଲେ। ଅଭିନେତ୍ରୀ ଭାସ୍ୱତୀ ବସୁଙ୍କ ଦ୍ୱାରା ଯୁବ କଳାକାର ଉମ୍ବରୁଧର ନାୟକଙ୍କୁ ଅସୀମ ବସୁ ମେମୋରିଆଲ ଆୱାର୍ଡ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିବସରେ ସ୍ଥାନୀୟ ଟାଉନହଲରେ ନନ୍ଦନୀକ ନାଟ୍ୟକଳା ସଂସ୍ଥାନ ଓ କଲକାତାର ପରବ ଜର୍ନାଲର ମିଳିତ ସହଯୋଗରେ ଲୋକକଳା ଓ ଗଣମାଧ୍ୟମ ଉପରେ ଜାତୀୟ ପାଠଚକ୍ର ହୋଇଥିଲା। ଡ. ଝାନ୍ସି ସି ଓ ସୌମେନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସନ୍ଧ୍ୟାରେ ଆୟୋଜିତ ନାଟକ ମହୋତ୍ସବରେ ଦାମନଯୋଡ଼ି ସ୍ଥିତ ନାଲକୋର ପରିଚାଳନା ନିର୍ଦ୍ଦେଶକ ଆର୍.ଏନ୍. ଦାସ, ଜୟପୁରସ୍ଥିତ ଅଲ ଇଣ୍ଡିଆ ରେଡିଓର ଯୁଗଳ କିଶୋର ପଣ୍ଡା, ସ୍ୱେଚ୍ଛାସେବୀ କୃଷ୍ଣ ସିଂ, ଦିଲ୍ଲୀର ନାଟ୍ୟ ନିର୍ଦ୍ଦେଶକ ନୀଳୟ ରାୟ, କଲକାତାର ନାଟ୍ୟ ନିର୍ଦ୍ଦେଶକ ପ୍ରବୀର ଗୁହା ଉପସ୍ଥିତ ଥିଲେ। ଏହି ଅବସରରେ କବି ରମାକାନ୍ତ ରଥଙ୍କ ଲିଖିତ କବିତାର ନ୍ୟାୟ୍ୟରୂପ ନାୟିକା ସୌରଭ ଗୁପ୍ତାଙ୍କ ନିର୍ଦ୍ଦେଶନାରେ ନନ୍ଦନୀକ ନାଟ୍ୟ ସଂସ୍ଥା ପକ୍ଷରୁ ପରିବେଷଣ କରାଯାଇଥିଲା। ପରେ ଦିଲ୍ଲୀରୁ ଆସିଥିବା ନାଟ୍ୟସଂସ୍ଥା ଦ୍ୱାରା ନାଟକ ପରିବେଷିତ ହୋଇଥିଲା। ଶନିବାର ଶେଷ ରାତିରେ ଅଶୋକ କରଙ୍କ ନିର୍ଦ୍ଦେଶନାରେ ଦାମନଯୋଡ଼ିର ଆଲୁମିନା ବାଳିକା ବିଦ୍ୟାଳୟ ଦ୍ୱାରା ନାଟକ 'ସ୍ୱାଭିମାନ', ପ୍ରବୀର ଗୁହାଙ୍କ ନିର୍ଦ୍ଦେଶନାରେ 'ଘର ବାପସିକି ଗୀତ', ସୁବୋଧ ପଟ୍ଟନାୟକଙ୍କ ଦ୍ୱାରା 'ରେବତୀ ସେବତୀ ଏବତୀ' ପରିବେଷଣ କରାଯାଇଥିଲା । ନନ୍ଦନୀକର ସୌରଭ ଗୁପ୍ତା ଓ ମୋନିଦିପା ଗୁପ୍ତା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ ।

## ସଂକ୍ଷେପରେ



### ରାସ୍ତା କଡରେ ଗଞ୍ଜେଇ ଗଛ

ଚନ୍ଦାହାଣ୍ଡି, ୪।୮(ଡି.ଏନ.ଏ): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି-ଉମରକୋଟ ରାଜ୍ୟ ରାଜପଥର ଝରିଗାଁ ଘାଟି ଅସୁରପଖନା ନିକଟସ୍ଥ ରାସ୍ତା କଡରେ ଏକ ଗଞ୍ଜେଇ ଗଛ ଦେଖିବାକୁ ମିଳିଛି । ଗଞ୍ଜେଇ ଗଛଟିକୁ ଯତ୍ନ ସହକାରେ ସୁସଜ୍ଜିତ ଭାବେ ବାଡରେ ଘେରା ଯାଇଛି। ଏହାକୁ ପଥଚାରୀ ଯିବା ଆସିବା ସମୟରେ ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ପୋଲିସ, ବନ କର୍ମଚାରୀ ଏବଂ ଅବକାରୀ ବିଭାଗର ଅଧିକାରୀମାନେ ଯାତାୟତ କରୁଥିଲେ ହେଁ ଏହି ଗଞ୍ଜେଇ ଗଛ ପ୍ରତି କାହାର ଦୃଷ୍ଟି ପଡୁନି । ସରକାର ଗଞ୍ଜେଇ ଚାଷକୁ ବେଆଇନ କରି ଧରପକଡ କରୁଥିଲେ ମଧ ଖୁଲମଖୁଲା ଭାବେ ଏହା ରାଜରାସ୍ତାରେ ଶୋଭା ପାଉଛି । ଏହି ଗଞ୍ଜେଇ ଗଛ ଚତୁଃପାର୍ଶ୍ୱରେ ଦେବାଦେବୀଙ୍କ ପୀଠରେ ଲାଗୁଥିବା ନାଲି କନା ଗୁଡା ଯାଇଥିବା ଦେଖି ଲୋକେ ରାସ୍ତାରେ ଗାଡି ରଖି ଗଞ୍ଜେଇ ଗଛ ଦେଖିବାକୁ ଯାଉଛନ୍ତି।

### ସମିତିସଭ୍ୟ ଉପନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି

ଡାବୁଗାଁ,୪।୮(ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜବାଗୁଡା ଗ୍ରାମପଞ୍ଚାୟତର ସମିତି ସଭ୍ୟ ଉପନିର୍ବାଚନ ପାଇଁ ବ୍ଲକ କାର୍ଯ୍ୟାଳୟ ଠାରେ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ଚାଲିଛି। । ଏଥିରେ ସାଧାରଣ ନିର୍ବାଚନରେ ଥିବା ଭୋଟର ତାଲିକାକୁ ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ଏଥିରେ ବ୍ଲକର ସମସ୍ତ ପଞ୍ଚାୟତ ଅଧୀନ ମୋଟ ୧୪୧ ଟି ୱାର୍ଡରେ ଭୋଟର ତାଲିକା ପ୍ରସ୍ତୁତି ହେଉଛି। ଚଳିତ ମାସ ୮ ତାରିଖରେ ପ୍ରାରମ୍ଭିକ ଭୋଟର ତାଲିକା ପ୍ରକାଶନ କରାଯିବ । ୮ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସମ୍ବନ୍ଧିତ କୌଣସି ଅଭିଯୋଗ ଥାଏ ତେବେ ଉକ୍ତ ଭୋଟର ନିଜ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିପାରିବେ। ଚଳିତ ମାସ ୨୬ ତାରିଖରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ । ରାଜ୍ୟ ନିର୍ବାଚନ ଆୟୋଗଙ୍କ ପତ୍ର ସଂଖ୍ୟା ୧୮୭୫ ତା ୧୭। ୦୭। ୨୦୧୯ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ଚାଲିଛି।

### ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ଉଦ୍ୟୋଗୀ ତାଲିମ

ନବରଙ୍ଗପୁର,୪।୮( ବି.ପ୍ର.): ହିର୍ଲିଠାରେ ଥିବା ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ କେନ୍ଦ୍ରରେ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ଉଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଳ୍ପକେନ୍ଦ୍ରର ମହାପ୍ରବନ୍ଧକ କାମେଶ୍ୱର ରାଓ ସୁବୁଦ୍ଧି ଉଦଘାଟନ କରିଥିଲେ। ବେକାର ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜିଲା ବିଭିନ୍ନ ଅଞ୍ଚଳର ଅଣୁକ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରାଯାଉଛି । ବିଭିନ୍ନବ୍ୟାଙ୍କ ମାଧ୍ୟମରେ ଋଣ ଦିଆଯାଇ ଉଦ୍ୟୋଗ ପ୍ରତିଷ୍ଠା କଲେ ମୋଟ ଯନ୍ତ୍ରପାତି ମୂଲ୍ୟର ଶତକଡା ୨୫ଭାଗ ସବ୍‌ସିଡି ଦିଆଯାଇଥାଏ ବୋଲି କହିଥିଲେ । କୃଷି ଜମିରୁ ଶିଳ୍ପ ଜମିକୁ ପରିବର୍ତ୍ତନ କରିବା ପାଇଁ ଏବଂ କଞ୍ଚାମାଲ ଠାରୁ ଆରମ୍ଭ କରି ବିକ୍ରିପର୍ଯ୍ୟନ୍ତ ରାଜ୍ୟ ସରକାର ବିଭିନ୍ନ ପ୍ରୋତ୍ସାହନ ଦେଉଥିବା କହିଥିଲେ । ପ୍ରଧାନମନ୍ତ୍ରୀ କର୍ମନିଯୁକ୍ତି ଯୋଜନାରେ ଉଦ୍ୟୋଗୀଙ୍କର ପାଇଁ ସରକାର ପ୍ରକଳ୍ପର ଶତକଡା ୧୫ଭାଗ ରୁ ୩୫ ଭାଗ ସବ୍‌ସିଡି ଦିଆଯାଉଛି ବୋଲି ଜଣାଇଥିଲେ । ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ବାଇଧର ସିଂ କହିଥିଲେ ଯେ କେବଳ ଚାକିରୀ ପଛରେ ନ ଗୋଡାଇ ବରଂ ଶିଳ୍ପ ପ୍ରତିଷ୍ଠା କଲେ ନିଜେ ସ୍ୱାବଲମ୍ବୀ ହେବା ସହିତ ଅନେକଙ୍କୁ ମଧ ସ୍ୱାବଲମ୍ବୀ କରି ପାରିବେ। ଜିଲା ଶିଳ୍ପକେନ୍ଦ୍ରର ସହକାରୀ ପରିଚାଳକ କହିଥିଲେ ଯେ ଏହି ଶିଳ୍ପକେନ୍ଦ୍ର ମାଧ୍ୟମରେ ବ୍ୟାଙ୍କରୁ ଋଣନେଇ ଜିଲାରେ ଅନେକ ସଫଳ ଉଦ୍ୟୋଗୀ ହୋଇଛନ୍ତି। ଅନେକ ବେକାର ଯୁବକ ଯୁବତୀ ଆତ୍ମନିର୍ଭରଶୀଳ ହୋଇଛନ୍ତି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଶିଳ୍ପ ବିକାଶ ଅଧିକାରୀ ଏ. କିରଣ ପାଲ ସଞ୍ଚାଳନ କରିଥିବା ବେଳେ ଶିଳ୍ପବିକାଶ ଅଧିକାରୀ ବିକ୍ରମ ରାଜୁ ସହଯୋଗ କରିଥିଲେ ।

■ ବର୍ଷାରେ ଘର ଭାଙ୍ଗିଲା

# ଅସହାୟ ଅବସ୍ଥାରେ ଦମ୍ପତି

ଚନ୍ଦାହାଣ୍ଡି, ୪।୮(ଡି.ଏନ.ଏ.)

ରାଜ୍ୟ ଏବଂ କେନ୍ଦ୍ର ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ପରିବାର ଏବଂ କଚ୍ଛାଘର ଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଯୋଜନାରେ ସାମିଲ କରୁଛନ୍ତି । କିନ୍ତୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ସଦର ମହକୁମାରେ ଥିବା ଅସହାୟ ଦମ୍ପତି ସୁବାସ ପାଣ୍ଡେ (୯୭) ଏବଂ ମରୁଆ ପାଣ୍ଡେ (୬୫)ଙ୍କ ପାଇଁ ତାହା ସ୍ୱପ୍ନ ପାଲଟିଛି। ଝାଟିମାଟି କୁଡିଆରେ ଜୀବନ ବିତାଉଥିବା ଏହି ନିଃସନ୍ତାନ ଦମ୍ପତି କେବଳ ମାସକୁ ୧୦କେଜି ଚାଉଳ ଏବଂ ଭତ୍ତା ଦୁଇଜଣଙ୍କ ୧୦୦୦ଟଙ୍କା ପାଉଛନ୍ତି। ଏଥିରେ ସେମାନେ ଜୀବନ ଅତିବାହିତ କରୁଛନ୍ତି। ନିଃସନ୍ତାନ ଥିବାରୁ ଏହି ବୃଦ୍ଧ ବୟସରେ ତାଙ୍କର ସେବା କରିବା ପାଇଁ କେହିନାହାନ୍ତି । ଜମିବାଡି କିଛି ନାହିଁ । ବୟସାନ୍ଧରେ ଅବତୀର୍ଣ୍ଣ ହୋଇଥିବାରୁ ନିଜର କୌଳିକ ବୃତ୍ତି ମାଟିହାଣ୍ଡି ଗଢିବା ମଧ ଛାଡିସାରିଲେଣି । ଏପରି ମସୟରେ କିଛି ରୋଗବ୍ୟାଧିରେ ପଡିଲେ ଚିକିତ୍ସା କରିବା ମଧ ସମ୍ଭବ ହେଉନାହିଁ । ଝାଟିମାଟି କୁଡିଆରେ ଦୁଇଜଣ ଅତିବାହିତ କରୁଥିବାବେଳେ ଚଳିତ ଲଘୁଚାପ ବର୍ଷାରେ ଘରର ପଛପଟ ସମ୍ପୂର୍ଣ୍ଣ ଭୁଷୁଡି ଯାଇଛି । ଚିରା ଶାଢିରେ ସେ ଘରକୁ ଢାଙ୍କିଥିବାବେଳେ ସରିସୃପ ପଶିବାର ଭୟ ଥିବା ସତ୍ତ୍ୱେ ମଧ କାହା ଘରେ ଆଶ୍ରୟ ନ ନେଇ ସେଇ ଭଙ୍ଗାକୁଡିଆରେ ରହୁଛନ୍ତି। ମରୁଆ ପାଣ୍ଡେଙ୍କ ଦେହ ଖରାପ ହେଲେ ରୋଷେଇ କରି ନପାରି ଉଭୟ ଉପାସରେ ବେଳେବେଳେ ଶୋଇଯାଉଥିବା ସୁବାଶ କୋହଭରା କଣ୍ଠରେ କହିଛନ୍ତି। ଆଗକୁ ଆହୁରି ବର୍ଷା ମାସ ଥିବାବେଳେ ସେ ଏବେ ଭଙ୍ଗାଘରେ କିପରି ରହିବେ ଚିନ୍ତାରେ ପଡିଯାଇଛନ୍ତି। ଚାଲିପାରୁ ନଥିବାରୁ ସେ ବିଡିଓ କିମ୍ବା ତହସିଲଦାରଙ୍କଠାରେ ଅଭିଯୋଗ କରିବା ପାଇଁ ଯାଇପାରୁନାହାନ୍ତି । ସେ ଦୁଃଖ ଦୁର୍ଦ୍ଦଶାରେ ବୁଡି ରହିଥିଲେ ମଧ ଲୋକ ପ୍ରତିନିଧି କିମ୍ବା ପ୍ରଶାସନ ତାଙ୍କ ଦୁଃଖ ଶୁଣୁ ନଥିବା କହିଛନ୍ତି । ଏହି ଅସହାୟ ଦମ୍ପତିଙ୍କୁ ଶୀଘ୍ର ବିଜୁ ପକ୍କାଘରରେ ସାମିଲ କରିବା ସହ ମାସକୁ ଅଧିକା ଚାଉଳ ଦେବାକୁ ପୂର୍ବତନ ସରପଞ୍ଚ ମହମ୍ମଦ ଇକବାଲ ଦାବି କରିଛନ୍ତି । ଏସମ୍ପର୍କରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳକୁ ଯୋଗାଯୋଗ କରିବାରୁ ସେ ମୋବାଇଲ ରିସିଭ କରି ନଥିଲେ ।



ବର୍ଷାରେ ଭାଙ୍ଗି ଯାଇଥିବା ଘର ଆଗରେ ଠିଆ ହୋଇଛନ୍ତି ଅସହାୟ ଦମ୍ପତି।

■ ବିପଦପୂର୍ଣ୍ଣ ଭାବେ କେନ୍ଦୁପତ୍ର ବୋଝେଇ

# ୬ ଟ୍ରକ ଜବତ, ୬ ଡ୍ରାଇଭର ଗିରଫ

ନବରଙ୍ଗପୁର,୪।୮(ବି.ପ୍ର.)

ମାଲକାନଗିରିରୁ କୋଲକତା ଯାଉଥିବା ୬ଟି କେନ୍ଦୁପତ୍ର ବୋଝେଇ ଟ୍ରକକୁ ନବରଙ୍ଗପୁର ପୋଲିସ ଜବତ କରିଛି । ଟ୍ରକରେ ଫାଷ୍ଟ ଏଡ ନଥିବା, ଓଭର ଲୋଡ, ବିପଦ ସଙ୍କୁଳ ଭାବେ ବୋଝେଇ ହୋଇ ଦ୍ରୁତ ଗତିରେ ଗାଡି ଚଲାଇବା ଅଭିଯୋଗରେ ମୋଟର ଭେଇକିଲ ଆଇନ ଅନୁଯାୟୀ ଜବତ କରିଛନ୍ତି । ଟ୍ରକ ନମ୍ବର ଗୁଡିକ ହେଲା (ଓଡି ୧୦ ଜି-୬୨୧୧), (ଓଡି୩୦ବି-୩୧୩୯), (ଓଡି୩୦-୨୨୫୩), (ଏଟି୧୬ଟିଡି-୫୪୪୧), (ଏପି୩୭ ଟିଇ-୮୫୮୧)ଓ (ଟିଏସ ୨୮ଟି-୯୨୩୯)। ଟ୍ରକ ଡ୍ରାଇଭର ମାନଙ୍କୁ ଥାନାରେ ରଖି ପଚରାଉଚରା କରାଯିବା ପରେ ଗିରଫ କରାଯାଇଛି । ଡ୍ରାଇଭର ମାନେ ହେଲେ ମାଲକାନଗିରି ଜିଲାର ୧୧୯କଲୋନୀର ବିଜୟ କୁମାର ମହାକୁଡ, ଏମଭି୧୪ ତାମସା ଗାଁର ସୁଜନ ମଣ୍ଡଳ, ବବୁଲ ରାୟ, ପାପଡାହାଣ୍ଡି ବ୍ଲକ ଚନ୍ଦ୍ରପୁର ଗାଁର କମଳକାନ୍ତ ନାୟକ, ଭଦ୍ରାଚମ ଥାନା ଅଧିନ ଅଶୋକ ନଗରର ପିରୟସ ଆନ୍ଧ୍ରାଥି, ତେଲେଙ୍ଗାନା ଆୱାପୁରମ ଗାଁର ୱାଇ. ଭେଙ୍କେଟେଶ୍ୱର ବୋଲି ନବରଙ୍ଗପୁର ଥାନା ପକ୍ଷରୁ ସୂଚନା ମିଳିଛି । ଚଢାଉ ସମୟରେ ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ ସମେତ ଏସଆଇ ଦେବଦତ୍ତ ମଲ୍ଲିକ, ନିଲମା ପାଣିଗ୍ରାହୀ, ଖବରସିନ୍ଧୁ ସାହୁ, ଗୋପାଳ କୃଷ୍ଣ ହାଲବା, ଅଶୋକ ଦେଓ , କନଷ୍ଟେବଳ ଅନୀଲ ପୃଷ୍ଟି ପ୍ରମୂଖ ରହିଥିଲେ । ତେବେ ଗିରଫ ୬ ଜଣ ଡ୍ରାଇଭରଙ୍କୁ ମୋଟର ଭେଇକିଲ ମାମଲାରେ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଅହମ୍ମଦ କହିଛନ୍ତି।



ଜବତ ହୋଇଥିବା ଟ୍ରକ।

# ୩ କୋଠରିରେ ଚାଲିଛି ୮ ଶ୍ରେଣୀ



କାଦୁଅ ରାସ୍ତାରେ ଛାତ୍ରୀଛାତ୍ର ଚାଲିକି ଯାଉଛନ୍ତି।

ପାପଡାହାଣ୍ଡି,୪।୮(ଡି.ଏନ.ଏ)

**ଲହରାକାନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
- ■ଛାତରୁ ପାଣି ଗଳୁଛି
- ■ବିଦ୍ୟାଳୟ ଯିବା ରାସ୍ତା କାଦୁଅରେ ଭର୍ତ୍ତି

ପିଲାମାନଙ୍କୁ ସ୍କୁଲ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ପିଲାମାନେ ଅନେକ ସମସ୍ୟା ଭିତରେ ରହି ପାଠ ପଢୁଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତୁମ୍ବରଲା ପଞ୍ଚାୟତ ଲହରାକାନି ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଲାଗି ରହିଛି । ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୭୯ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ୮ଟି ଶ୍ରେଣୀ ପାଇଁ ରହିଛି କେବଳ ୩ଟି କୋଠରୀ । ବର୍ଷା ଦିନ ଆସିଲେ ଛାତରୁ ପାଣି ଗଳେ । ଛାତ୍ରୀଛାତ୍ର ବହୁ କଷ୍ଟରେ ପାଠ ପଢିଥାନ୍ତି । ଗୋଟିଏ କୋଠରୀ ୨୦୧୦ରୁ ଅଧାପନ୍ତରିଆ ହୋଇ ରହିଛି । ପାଞ୍ଚ ଜଣ ଶିକ୍ଷକ ରହିଥିବା ବେଳେ ପିଲାଙ୍କ ଲାଗି ନାହିଁ ଶୌଚାଳୟ କିମ୍ବା ନଳକୂପ । ଏଥି ପାଇଁ ସେମାନଙ୍କୁ ବାହାରକୁ ଯିବାକୁ ପଡିଥାଏ । ବିଦ୍ୟାଳୟରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ସବୁ ବେଳେ କାଦୁଅ ପଚପଚ। ବର୍ଷା ଦିନେ ପାଦ ପଡିବା ମୁସ୍କିଲ। ପିଲାମାନେ କାଦୁଅ ରାସ୍ତାରେ ବହୁ ଅସୁବିଧାରେ ବିଦ୍ୟାଳୟରେ ପହଞ୍ଚିଥାନ୍ତି । ବେଳେ ବେଳେ ଛାତ୍ରୀଛାତ୍ର କାଦୁଅରେ ପଡି ଯିବାରୁ ସ୍କୁଲ ଯିବା ବନ୍ଦ ହୁଏ। ଅସ୍ୱାସ୍ଥ୍ୟକର ପରିବେଶ ଲାଗି ଛାତ୍ରୀଛାତ୍ରମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ବିଦ୍ୟାଳୟ ସମସ୍ୟା ନେଇ ପ୍ରଧାନ ଶିକ୍ଷକ ସରୋଜ ରଥ ବିଧାୟକ ମନୋହର ରନ୍ଧାରୀ, ସ୍ଥାନୀୟ ସରପଞ୍ଚ, ବିଡ଼ିଓଙ୍କୁ ଅବଗତ କରିଥିବା କହିଛନ୍ତି । ସ୍ଥାନୀୟ ଅଭିଭାବକ ମଧ ବିଦ୍ୟାଳୟର ଅବସ୍ଥା ଦେଖି ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡିବାକୁ ଭୟ କରିଥାନ୍ତି । ପ୍ରଶାସନ ତୁରନ୍ତ ବିଦ୍ୟାଳୟର ଉନ୍ନତୀକରଣ ଲାଗି ପଦକ୍ଷେପ ନେବା ପାଇଁ ଅଭିଭାବକ ନିବେଦନ କରିଛନ୍ତି।

### ଅଗଷ୍ଟ ୧୦କୁ କଳାଦିବସ ପାଳନ କରିବାକୁ ବୈଠକ

ନବରଙ୍ଗପୁର,୪।୮(ବି.ପ୍ର.)

ନବରଙ୍ଗପୁର ଦଳିତ ପାଠାଗାର ଠାରେ ଜିଲା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସେଲର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ସୁଧିର ପାତ୍ର ଅଧ୍ୟକ୍ଷତା କରିଥିଲେ । ଜାତୀୟ ଦଳିତ ଖ୍ରୀଷ୍ଟିଆନ ପରିଷଦ ଓଡିଶା ଶାଖା ପକ୍ଷରୁ ଅଗଷ୍ଟ ୧୦ ତାରିଖରେ ଦଳିତ ଖ୍ରୀଷ୍ଟିଆନ ପକ୍ଷରୁ ବ୍ରହ୍ମପୁର ଠାରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ଉଚ୍ଚତମ ନ୍ୟାୟ ଓ କେନ୍ଦ୍ର ସରକାରଙ୍କୁ ମାନପତ୍ର ଦିଆଯିବ ବୋଲି ସ୍ଥିର କରାଯାଇଛି । ଏହାକୁ ଆଖି ଆଗରେ ରଖି ଜିଲାର ୧୦ଟି ବ୍ଲକର ସଂଖ୍ୟାଲଘୁ ସଭାପତି ମାନଙ୍କୁ ଅବଗତ କରାଇଛନ୍ତି । ୧୦ ତାରିଖରେ ବହୁଳ ସଂଖ୍ୟାରେ ବ୍ରହ୍ମପୁର ଯାଇ ନିଜର ନ୍ୟାର୍ଯ୍ୟଦାବୀ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୁଧୀର କହିଥିଲେଯେ, ଧର୍ମ ପରିବର୍ତ୍ତନ ହେଲେ ଜାତି ପରିବର୍ତ୍ତନ ହୋଇ ନଥାଏ । ଜଣେ ଧର୍ମ ପରିବର୍ତ୍ତନ କରିପାରେ କିନ୍ତୁ ଜାତି ପରିବର୍ତ୍ତନ କରିବା ଅସମ୍ଭବ । ୧୯୫୦ ମସିହାରୁ ଆଜିସୁଦ୍ଧା ଏହି ଅଧ୍ୟାଦେଶର ସଂଶୋଧନ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ହୋଇ ଆସୁଛି । ତାହା ଆଜି ସୁଦ୍ଧା ଅନ୍ୟାୟ ଭାବେ ପ୍ରତ୍ୟାଖାନ କରାଯାଇ ଆସୁଛି । ନିଜର ନ୍ୟାର୍ଯ୍ୟ ଦାବି ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପାଳକ ଗୌରବ କାଉରୀ, ଉପଦେଷ୍ଟା ତିମତି ଛିଞ୍ଚାଣୀ, ମନ ରଞ୍ଜନ କାର୍ତ୍ତି, ଦିବ୍ୟଦାନ ସୁନା, ସୁକାନ୍ତ ନାଗ , ବିକ୍ରମ ନାଗ, ଜୀବନ ଟାକ୍ରୀ, ଅନାଦୀ କର, ଆଲଫ୍ରେଡ ଖୁରା, ଇଶ୍ୱର ଦାନ ସୁନା, ଦୟାନିଧି ସୁନା, ସିମିୟନ ବେପାରୀ, ଟୁକୁନା ଖୁରା, ବାବୁଲି ଗଣ୍ଡା ଉପସ୍ଥିତ ଥିଲେ ।

# ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ହ୍ରାସ ପାଉଛି ଗୋସମ୍ପଦ

ଚନ୍ଦାହାଣ୍ଡି,୪।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଦିନକୁ ଦିନ ଗୋ ମହିଷାଦି ପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ସରକାର ଗୋପାଳନ ନିମନ୍ତେ ବିଭିନ୍ନ ପ୍ରୋତ୍ସାହନ ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେଉଥିଲେ ମଧ୍ୟ ଗୋପାଳନ ପାଇଁ ଚାଷୀଙ୍କ ମଧ୍ୟରେ ସେତେଟା ଆଗ୍ରହ ପ୍ରକାଶ ପାଉନାହିଁ। ପୂର୍ବରୁ ସନ୍ଧ୍ୟାରେ ଗାଈଗୋରୁ ଗୁହାଳକୁ ଫେରୁଥିବା ସମୟରେ ଗାଁମାନଙ୍କରେ ଗୋଧୂଳିର ଏକ ବଳୟ ସୃଷ୍ଟି ହେଉଥିଲା। ଗୁହାଳମାନଙ୍କରେ ପୂର୍ବରୁ ଗାଈ ବଳଦ ଭରପୂର ରହୁଥିଲେ ମାତ୍ର ସେହି ଅବସ୍ଥା ଏବେ ନାହିଁ। ଘର ଲିପିବା ପାଇଁ ଗୋବର ଟିକେ ମିଳିବା କଷ୍ଟକର ହେଉଛି । ଚାଷ କାର୍ଯ୍ୟରେ ଏବେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଉଛି। ହଳ କରିବା ପାଇଁ ଟ୍ରାକ୍ଟର ସାଙ୍ଗକୁ କାଦୁଅ କରିବା ଯନ୍ତ୍ର, ଧାନ କାଟିବା ଯନ୍ତ୍ର, ଅମଳ କରିବା ଯନ୍ତ୍ର ଚାଷୀ ବ୍ୟବହାର କରୁଛନ୍ତି । ସୁବିଧାରେ ଏବଂ କମ୍ ପଇସା ସହ ଅଳ୍ପ ସମୟ ମଧ୍ୟରେ ସବୁକିଛି ଯନ୍ତ୍ର ମାଧ୍ୟମରେ ହେଉଥିବାରୁ ଚାଷୀ ଗୋପାଳନ ପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ସାମାଜିକସ୍ତରରେ ପରିବର୍ତ୍ତନ ସାଙ୍ଗକୁ ଚାଷଜମିର ସଂକୋଚନ, ଚାରଣଭୂମିର ଅଭାବ, ଗୋଚର ଭୂମିରେ ମକ୍କାଚାଷ ଯୋଗୁ ଚାଷୀ ପ୍ରାଣୀ ସମ୍ପଦକୁ କମ୍ ଦାମରେ ବିକ୍ରି କରି ଦେଉଛନ୍ତି । ଗାଈ, ଗୋରୁଙ୍କୁ ଅଳ୍ପଦାମରେ କ୍ରୟ କରି ବାହାର ରାଜ୍ୟକୁ ଚାଲାଣ କରୁଥିବା ଯୋଗୁ ଗୋ ସମ୍ପଦ ସଙ୍କଟଜନକ ସ୍ଥିତିରେ ଅଛି ।ଏ ସମ୍ପର୍କରେ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀନିଗୋ ମୁର୍ମୁଙ୍କୁ ପଚାରିବାରୁ ସରକାରଙ୍କ ପକ୍ଷରୁ ଗୋପାଳନ ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି । ଗୋରୁଙ୍କ ରହିବା ପାଇଁ ଗୁହାଳ, ଗୋରୁଙ୍କ ପାଇଁ ବୀମା, ସ୍ୱାସ୍ଥ୍ୟ ପାଇଁ ସମସ୍ତ ପ୍ରକାର ଔଷଧ ମହଜୁଦ, କୃତ୍ରିମ ପ୍ରଜନନ ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ସରକାର ଯୋଗାଇ ଦେଉଛନ୍ତି। ଚାରଣ ଭୂମିର ଅଭାବ ପାଇଁ ଲୋକମାନେ ଗୋପାଳନ ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିବା କହିଛନ୍ତି। ତଥାପି ଆମେ ଚାଷୀଙ୍କୁ ବିଭିନ୍ନ କ୍ୟାମ୍ପ ମାଧ୍ୟମରେ ଗୋପାଳନ କରି ଆତ୍ମନିର୍ଭରଶୀଳ ହେବା ପାଇଁ ପରାମର୍ଶ ଦେଉଥିବା କହିଛନ୍ତି ।



ଗୋପାଳକମାନେ ଗୋରୁମାନଙ୍କୁ ନେଇ ଚରାଇବାକୁ ଯାଉଛନ୍ତି।

# ଆହାର କେନ୍ଦ୍ର ଆବର୍ଜନା ଏବେ ପୂତିଗନ୍ଧମୟ

ନବରଙ୍ଗପୁର,୪।୮(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହକୁମା ନିକଟରେ ଖୋଲିଛି ଆହାର କେନ୍ଦ୍ର । ପ୍ରତିଦିନ ଉକ୍ତ କେନ୍ଦ୍ର ଠାରେ ନବରଙ୍ଗପୁର ଆହାର କେନ୍ଦ୍ର ପାଇଁ ୭୫୦ ଜଣଙ୍କ ପାଇଁ ରୋଷେଇ, କୋଷାଗୁମୁଡା ଆହର କେନ୍ଦ୍ର ପାଇଁ ୨ଶହ ଓ କୋରାପୁଟ ଜିଲା କୋଟପାଡ ଆହାର କେନ୍ଦ୍ର ପାଇଁ ୩୦୦ ଜଣଙ୍କ ପାଇଁ ରୋଷେଇ ହେଉଛି। ପେୟ, ଆବର୍ଜନା ଓ ବଳକା ଖାଦ୍ୟ କେନ୍ଦ୍ର ପଛ ପଟେ ଛାଡି ଦିଆଯାଉଛି । ଏବେ ତାହା ପୂତିଗନ୍ଧମୟ ହୋଇଛି। ଆହାର କେନ୍ଦ୍ରକୁ ଲାଗି ରହିଛି ଜିଲା ସଦର ମହକୁମା ଡାକ୍ତରଖାନା ଓ ଫାଣ୍ଡି। ରୋଗୀ ଓ ଡାକ୍ତରଖାନାକୁ ଆସୁଥିବା ଲୋକମାନେ ଦୁର୍ଗନ୍ଧରେ ନାକରେ ହାତ ଦେଇ ରହୁଛନ୍ତି। ସେହିଭଳି ଉକ୍ତ ଦୁର୍ଗନ୍ଧ ଆହାର କେନ୍ଦ୍ର ଖାଇବା ସ୍ଥାନକୁ ମଧ ଆସୁଛି । ପୌରାଞ୍ଚଳ ଅଧିନରେ ନବରଙ୍ଗପୁର ଆହାର କେନ୍ଦ୍ର ନଥିବାରୁ ତାହାର ସଫେଇ କାର୍ଯ୍ୟକ୍ରମ ମଧ ଠିକ ଭାବେ ହୋଇ ପାରୁ ନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନଦେଲେ ପୂତଗନ୍ଧମୟରେ ରୋଗୀ ଓ ଜନସାଧାରଣ ଅତିଷ୍ଠ ହୋଇ ରହିବେ ।



ଜମି ରହିଥବା ଆବର୍ଜନା।

# ଲୋପ ପାଉଛି ଘରଚଟିଆ

ଚନ୍ଦାହାଣ୍ଡି, ୪।୮(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଦିନକୁ ଦିନ ଘରଚଟିଆ ବଂଶ ଲୋପ ପାଇବାକୁ ଯାଉଥିବାବେଳେ ପରିବେଶପ୍ରେମୀଙ୍କ ମଧ୍ୟରେ ଘୋର ଉଦବେଗ ପ୍ରକାଶ ପାଇଛି । ଘରଚଟିଆ କେଉଁ ଆବାହନ କାଳରୁ ବାସଗୃହ ଏବଂ ଘରବାଡିପଟ ଗଛମାନଙ୍କରେ ବସାବାନ୍ଧି ରହିଥାଏ । ବିଭିନ୍ନ ପ୍ରକାର ଅଦରକାରୀ ପୋକଯୋକ ଖାଇ ଏମାନେ ବଞ୍ଚିଥାନ୍ତି । ଘରଚଟିଆଙ୍କ ଜୀବନ ଶୈଳୀ ଅନ୍ୟମାନଙ୍କ ପାଇଁ ଆନନ୍ଦ ଦାୟକ। କିନ୍ତୁ ଏହି ପକ୍ଷୀର କିଚିରିମିଚିରି ଶବ୍ଦ ଆଉ ଶୁଣାଯାଉନାହିଁ। ବିଶ୍ୱରେ ପ୍ରାୟ ୨୬ପ୍ରକାର ଘରଚଟିଆ ଦେଖାଯାଉଥିବା ଜଣାପଡିଛି । କିନ୍ତୁ କିଛିବର୍ଷ ହେଲା ଏମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ମୋବାଇଲ ଟାୱାର, ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ତାର, ଉଚ୍ଚ ଅଟ୍ଟାଳିକା, ଜମିରେ ସିଞ୍ଚନ କରାଯାଉଥିବା କୀଟନାଶକର ବହୁଳ ବ୍ୟବହାର ଏବଂ ଖାଦ୍ୟାଭାବ ସହିତ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ଯୋଗୁ ଏହାର ବଂଶ ଲୋପ ପାଇବାରେ ଲାଗିଛି । ପରିବେଶର ପରିବର୍ତ୍ତନ ଯୋଗୁଁ ବାସସ୍ଥାନ ହରାଇ ଲୋପ ପାଇବାକୁ ବସିଥିବା ପକ୍ଷୀର ବଂଶବୃଦ୍ଧି ପାଇଁ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନମାନଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯିବା ପାଇଁ ଦାବି ହୋଇଛି ।ଏହାର ସୁରକ୍ଷା ନିମନ୍ତେ ବାଡି ଅଗଣାରେ ବିଭିନ୍ନ ପ୍ରକାର ଗଛ, ନିଜ ବାସଗୃହର ଛାତ ତଳେ କାଠପଟାରେ ଛୋଟ ଛୋଟ ଘର ତିଆରି କରି ରହିବା ପାଇଁ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ। ଏଥିସହ କୀଟନାଶକର ବହୁଳ ବ୍ୟବହାରକୁ ରୋକାଯିବା ସହିତ ସରକାରୀ ବେସରକାରୀ ସଂସ୍ଥା ସହିତ ଜନସାଧାରଣଙ୍କ ଉଦ୍ୟମ ଜାରି ରହିଲେ ଏହି ନିରହ ପକ୍ଷୀ ସମ୍ପଦର ସୁରକ୍ଷା ହେବା ସହ ପରିବେଶ ସନ୍ତୁଳିତ ଠିକ ଭାବେ ହୋଇପାରିବ ବୋଲି ପରିବେଶପ୍ରେମୀ ଡାକ୍ତର ବସନ୍ତ କୁମାର ଷଡଙ୍ଗୀ କହିଛନ୍ତି।

**ସୁରକ୍ଷା ଆବଶ୍ୟକତା**

